# ECHO OF HIS CALL

ECHO OF HIS CALL
REACHING NATIONS
SINCE 1969
1969 20 2029

## ଆହ୍ୱାନର ପ୍ରତିଧ୍ୱନି

ODIA

*India's National Spiritual Newspaper*

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

**Vol. XXVII** YEAR OF OUR LORD JESUS CHRIST, 2025 SEPTEMBER **No.07**


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୮୧:୧-୮)

୧ ଆମ୍ଭମାନଙ୍କ ବଳ ସ୍ୱରୂପ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଉଚ୍ଚସ୍ୱରରେ ଗାନ କର; ଯାକୁବର ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଜୟଧ୍ୱନି କର ।

୨ ଗୀତ ଉଠାଅ ଓ ଦାରା, ନେବଲ ସହିତ ମନୋହର ବୀଣାଯନ୍ତ୍ର ଆଣ ।

୩ ଅମାବାସ୍ୟାରେ, ପୂର୍ଣ୍ଣିମାରେ, ଆମ୍ଭମାନଙ୍କ ମହୋତ୍ସବ ଦିନରେ ତୂରୀ ବଜାଅ ।

୪ କାରଣ ତାହା ଇସ୍ରାଏଲ ନିମନ୍ତେ ବିଧି ଓ ଯାକୁବର ପରମେଶ୍ୱରଙ୍କ ବିଧାନ ଅଟେ ।

୫ ସେ ମିସର ଦେଶ ବିରୁଦ୍ଧରେ ବାହାରିବା ବେଳେ ଯୋଷେଫ ମଧ୍ୟରେ ସାକ୍ଷ୍ୟ ନିମନ୍ତେ ତାହା ସ୍ଥାପନ କଲେ; ସେଠାରେ ଆମ୍ଭେ ଆପଣାର ଅଜ୍ଞାତ ବାଣୀ ଶୁଣିଲୁ ।

୬ ଆମ୍ଭେ ତାହାର ସ୍କନ୍ଧ ଭାରରୁ ଘୁଞ୍ଚାଇ ଦେଲୁ; ତାହାର ହସ୍ତ ଟୋକାଇରୁ ମୁକ୍ତ ହେଲା ।

୭ ତୁମ୍ଭେ ସଙ୍କଟ ବେଳେ ଡାକିଲ, ତହୁଁ ଆମ୍ଭେ ତୁମ୍ଭକୁ ଉଦ୍ଧାର କଲୁ; ଆମ୍ଭେ ମେଘଗର୍ଜ୍ଜନର ଗୁପ୍ତ ସ୍ଥାନରେ ତୁମ୍ଭକୁ ଉତ୍ତର ଦେଲୁ; ଆମ୍ଭେ ମିରୀବାଃ ଜଳ ନିକଟରେ ତୁମ୍ଭକୁ ପରୀକ୍ଷା କଲୁ ।

୮ ହେ ଆମ୍ଭର ଲୋକ, ଶୁଣ, ଆମ୍ଭେ ତୁମ୍ଭ ନିକଟରେ ସାକ୍ଷ୍ୟ ଦେବା; ହେ ଇସ୍ରାଏଲ, ଯେବେ ତୁମ୍ଭେ ଆମ୍ଭ କଥା ଶୁଣନ୍ତ !

## କଷ୍ଟକର ସମୟରେ ସୁଦ୍ଧା ଧୈର୍ଯ୍ୟ ଧରନ୍ତୁ ଓ ସାହସିକ ହୁଅନ୍ତୁ ।

**HOLD FAST & BE COURAGEOUS EVEN IN HARD TIMES!**

ଭଉଣୀ ଆଞ୍ଜେଲ୍



ଆମର ସେହି ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କୁ ଅଭିବାଦନ, ଯାହାଙ୍କଠାରେ କେବଳ ଅସାଧାରଣ ଓ ଅଲୌକିକ କାର୍ଯ୍ୟ କରିବା ପାଇଁ ଶକ୍ତି ଅଛି । ଏହି ବାର୍ତ୍ତା ପାଇବା ସମୟରେ, ଆପଣମାନେ ଯେ କୁଶଳରେ ଥିବ, ଏହା ମୋର ବିଶ୍ୱାସ ଅଟେ ଓ ମୁଁ ଏହି ପ୍ରାର୍ଥନା କରେ ଯେପରି ଆପଣମାନଙ୍କର ପ୍ରାଣର ଉନ୍ନତି ହେବା ସହିତ ଆପଣମାନେ ମଧ୍ୟ ଉନ୍ନତି କରିବେ ।

କିଛି ଦିନ ପୂର୍ବେ, ମୁଁ ଦାନିୟେଲ ୩ ଅଧ୍ୟାୟ ପଢୁଥିଲି । ଯଦିଓ ମୁଁ ପୂର୍ବରୁ ଅନେକ ଥର ଏହି ଅଧ୍ୟାୟକୁ ପଢ଼ିଛି, ତଥାପି ଏହିଥର ଏହା ମୋତେ ଗଭୀର ସାନ୍ତ୍ୱନା ଓ ଭରସା ପ୍ରଦାନ କରିଥିଲା । ମୁଁ ଆପଣମାନଙ୍କୁ କିଛି ଅନୁଚିନ୍ତା ଜଣାଇବା ପାଇଁ ତାଡନା ଅନୁଭବ କରିଥିଲି ।

### ଏବ୍ରୀୟ (ହିବ୍ରୁ) ଭାଇମାନେ

ଦାନିୟେଲ ୩ ଅଧ୍ୟାୟ ଏକ ନାଟକୀୟ ଓ ତାପପୂର୍ଣ୍ଣ ଦୃଶ୍ୟରୁ ଆରମ୍ଭ ହୋଇଛି । ତିନି ଜଣ ଏବ୍ରୀୟ ଲୋକ - ଶଦ୍ରକ୍, ମୈଶକ ଓ ଅବେଦନଗୋ - ଏମାନଙ୍କୁ ରାଜା ନବୁଖଦ୍‌ନିତ୍ସର ନିଜେ ସ୍ଥାପନ କରିଥିବା ଏକ ସୁବର୍ଣ୍ଣ ପ୍ରତିମା

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ କ୍ରିଶ୍ଚିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା - ସକାଳ ୮.୩୦ରେ

★ Please Subscribe and Share ★

ECHO OF HIS CALL REACHING NATIONS SINCE 1969

ECHO OF HIS CALL - (Marching towards 60th year)

# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



"... ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ନ୍ୟାୟ ଓ ଉତ୍ତମ, ତୁମ୍ଭେ ତାହା କରିବ, ତହିଁରେ ତୁମ୍ଭର ମଙ୍ଗଳ ହେବ..." ଗୀତସଂହିତା ୨୩:୧



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅନିଶ୍ଚିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr.Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.
EDITOR, PUBLISHER & PRINTER

Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

ପ୍ରିୟ ବନ୍ଧୁଗଣ,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅଭିବାଦନ ।

ମୁଁ ପ୍ରଭୁରେ ଥିବା ମୋର ସେହି ଭାଇ ଓ ଭଉଣୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଅଛି ଯେଉଁମାନେ ସେମାନଙ୍କର ପ୍ରାର୍ଥନା, ଅକ୍ଲାନ୍ତ ପରିଶ୍ରମ ଓ ଉଦାର ସ୍ୱେଚ୍ଛାଦାନ ମାଧ୍ୟମରେ ଆମ ପକ୍ଷରେ ବିଶ୍ୱସ୍ତ ଭାବରେ ଠିଆ ହୋଇଛନ୍ତି । ଆପଣମାନେ ମୋ' ପ୍ରତି ଈଶ୍ୱରଙ୍କର ବହୁମୂଲ୍ୟ ଦାନ ଅଟନ୍ତି, ଯଦ୍ଵାରା ମୁଁ ଦୈନନ୍ଦିନ ଆହ୍ୱାନ, ପରୀକ୍ଷା ଓ କ୍ଳେଶ ମଧ୍ୟରେ ମୃତ୍ୟୁ ଜାତିସମୂହଙ୍କ ନିକଟରେ ତାଙ୍କର ନାମ ଘୋଷଣା କରିବାକୁ ସମର୍ଥ ହୋଇଛି ।

"ମୁଁ ତୁମ୍ଭ ପ୍ରମାଣ ବାକ୍ୟ ସବୁରେ ଆସକ୍ତ, ହେ ସଦାପ୍ରଭୋ, ମୋତେ ଲଜ୍ଜିତ କର ନାହିଁ ।" ଗୀତରଚକ ଗୀତସଂହିତା ୧୧୯:୩୧ରେ ଏହା କହିଛନ୍ତି :

ହେ ପ୍ରଭୁ, ମୁଁ ତୁମ୍ଭର ପ୍ରମାଣ ବାକ୍ୟ ସବୁ ଧରି ରଖିଛି, ମୋତେ ଲଜ୍ଜିତ ହେବାକୁ ଦିଅ ନାହିଁ ।

ଆସକ୍ତ ରହିବାର ଅର୍ଥ ହେଉଛି, ଜୋରରେ ଜାବୁଡ଼ି ଧରିବା, ଦୃଢ଼ ଭାବରେ ଧରି ରଖିବା । ଯେତେବେଳେ ଈଶ୍ୱର ତାଙ୍କ ଲୋକମାନଙ୍କୁ ନିଜର ଆଜ୍ଞାଗୁଡ଼ିକ ପ୍ରଦାନ କରିଥିଲେ, ସେତେବେଳେ "ଦୃଢ଼ ଭାବରେ ଧରି ରଖିବା ପାଇଁ" କିମ୍ବା "ସଂଯୁକ୍ତ ହୋଇ ରହିବା ପାଇଁ ବାରମ୍ବାର କୁହାଯାଇଥିଲା । ଏହି ଅବିଚଳିତ ସମର୍ପଣ ବିନା ଲୋକମାନଙ୍କୁ ସେମାନଙ୍କର ଈଶ୍ୱର ପ୍ରଦତ୍ତ ଲକ୍ଷ୍ୟ ନିକଟରେ ପହଞ୍ଚିବା ପାଇଁ ଅନ୍ୟ କୌଣସି ପଥ ନାହିଁ ।

ବ୍ୟକ୍ତିଗତ ଭାବରେ, ମୁଁ ମୋର ଆଦ୍ୟ ଯୌବନକାଳରୁ ପ୍ରଭୁଙ୍କଠାରେ ଲାଗି ରହି, ଏହି ଯାତ୍ରା ଆରମ୍ଭ କରିଥିଲି । ମୁଁ ଏହା ବୁଝି ପାରିଥିଲି ଯେ ଏକ ସଫଳ ଆତ୍ମିକ ଯାତ୍ରା ଏକ ସହଜ ଓ ଶାନ୍ତିର ମାର୍ଗ ନୁହେଁ । ଏଥିପାଇଁ, ସର୍ବାନ୍ତଃକରଣ ସହିତ ତାଙ୍କୁ ଧରି ରଖିବା, ଦୃଢ଼ ରହିବା, ତାଙ୍କଠାରେ ଲାଗି ରହିବା ସକାଶେ ବିଚାରଶୀଳ ପ୍ରଚେଷ୍ଟା ଆବଶ୍ୟକ ହୁଏ ।

ଏଗୁଡ଼ିକ କେବଳ ବାକ୍ୟ ନୁହେଁ, ସେଗୁଡ଼ିକ ଗଭୀର ଆତ୍ମିକ ଅନୁଭୂତିକୁ ପ୍ରତିଫଳିତ କରେ । ସେଗୁଡ଼ିକ ଖରା କିମ୍ବା ଝଡ଼ରେ, ବିଫଳତା, ବିଶ୍ୱାସଘାତକତା, ନିରାଶତା, ଅସୁସ୍ଥତା, କ୍ଷତି, ଦୁଃଖ, ପରୀକ୍ଷା ଓ ପ୍ରଲୋଭନ ମଧ୍ୟରେ ଈଶ୍ୱରଙ୍କ ସହିତ ସଂଯୁକ୍ତ ରହିବା ବିଷୟରେ କହନ୍ତି ।

ଠିକ୍ ଯେପରି ଅଠା ଦ୍ୱାରା ସଂଯୁକ୍ତ ହୋଇଥିବା ଦୁଇଟି ପଦାର୍ଥକୁ ସହଜରେ ପୃଥକ୍ କରାଯାଇପାରେ ନାହିଁ, ସେହିପରି ଆମର ଜୀବନ ମଧ୍ୟ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଦୃଢ଼ ଭାବରେ ସଂଯୁକ୍ତ ହେବା ଆବଶ୍ୟକ । ଯେତେବେଳେ ଆମେ ତାଙ୍କଠାରେ ପ୍ରକୃତରେ ସଂଯୁକ୍ତ ରହୁ, ସେତେବେଳେ ସେ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ଯାଆନ୍ତି ।

ଏହା ହିଁ ବାଲୁକା ଉପରେ ନୁହେଁ, ମାତ୍ର ଶକ୍ତ ପଥର ଉପରେ ନିର୍ମିତ ଜୀବନ ଅଟେ ।

ଆମେ ଦେଖୁଛୁ ଯେ ବାଇବଲ ଘଟଣାଗୁଡ଼ିକ ଆଜି ଆମ ଜୀବନରେ ସଫଳ ହେଉଅଛି । ବିଭିନ୍ନ ବିଶ୍ୱାସ ଓ ମାର୍ଗର ଲୋକମାନେ ଏହି ସାକ୍ଷ୍ୟ ଦେବେ ଯେ ସଦାପ୍ରଭୁ ପରମେଶ୍ୱର, ଯୀଶୁ ଖ୍ରୀଷ୍ଟ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି ଓ ଆମ ମଧ୍ୟରେ କାର୍ଯ୍ୟ କରୁଛନ୍ତି ।

ବେଳେବେଳେ, ଜୀବନର ଦୁଃଖଦାୟକ ଅନୁଭୂତି ସମୟରେ, ଈଶ୍ୱରଙ୍କୁ ଦୃଢ଼ ଭାବରେ ଧରି ରହିବା ଦ୍ୱାରା ତାଙ୍କ ସହିତ ଆମ ସଂପର୍କରେ ଚାପ, ଏପରିକି ବିବାଦ ଆସିପାରେ । କିନ୍ତୁ, ଈଶ୍ୱରଙ୍କ ବାକ୍ୟ ଆମକୁ ଏହି ଭରସା ଦେଉଛି :

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

''... ତୁମ୍ଭେମାନେ ଯେତେ ଲୋକ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କଠାରେ ଆସକ୍ତ ହେଲ, ତୁମ୍ଭମାନଙ୍କର ସେହି ପ୍ରତି ଜଣ ଆଜି ପର୍ଯ୍ୟନ୍ତ ଜୀବିତ ଅଛ'' (ଦ୍ୱିତୀୟ ବିବରଣ ୪:୪) ।

''ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଦୃଢ଼ ଭାବରେ ଧରିବା'' ଆମର ସତର୍କକାରୀ ବାକ୍ୟ ହେଉ । ଏହି ଦୃଢ଼ ବିଶ୍ୱାସ ହିଁ ଆମକୁ ଜୀବନର ପରୀକ୍ଷା ମଧ୍ୟ ଦେଇ ବିଜୟୀ ଭାବରେ କଢ଼ାଇ ନେବ ଓ ଆମକୁ ଜୟ ଓ ସଫଳତା ପ୍ରଦାନ କରିବ ।

ଏହି ଅବିଚଳିତ ସମର୍ପଣ ଈଶ୍ୱରଙ୍କ ପ୍ରତି ଏକ ଭକ୍ତିପୂର୍ଣ୍ଣ ଭୟରେ ରୋପିତ ହେବା ଓ ଆମ ଜୀବନର ପ୍ରତ୍ୟେକଟି ପଦକ୍ଷେପକୁ ପ୍ରତିଫଳିତ କରିବା ଆବଶ୍ୟକ ।

ଆପଣମାନେ ମୋ' ପ୍ରାର୍ଥନାରେ ଅଛନ୍ତି । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଦୃଢ଼ ଭାବରେ ଧରି ରଖନ୍ତୁ । ଆପଣମାନଙ୍କର ଜୀବନ ତାହାଙ୍କ ଅବର୍ଣ୍ଣନୀୟ ଆଶୀର୍ବାଦଯୁକ୍ତ ଓ ଫଳପୂର୍ଣ୍ଣ ହେବ ।

ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ସର୍ବଦା ଆପଣମାନଙ୍କର ସହବର୍ତ୍ତୀ ହେଉ । ଭାଇ ଓ ଭଉଣୀମାନେ, ଦୟାକରି ଆମ ନିମନ୍ତେ ନିରନ୍ତର ପ୍ରାର୍ଥନା କରନ୍ତୁ । ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ସେବକ,

ପାଳକ ଏସ୍.ସାମ୍.ସେଲ୍ଵରାଜ
E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଦେଇଥିଲେ । ମାତ୍ର ସେମାନେ ତାହା କରିବା ପାଇଁ ଅସ୍ୱୀକାର କରିବାରୁ, ସେମାନଙ୍କୁ ଏକ ପ୍ରଜ୍ୱଳିତ ଅଗ୍ନି କୁଣ୍ଡରେ ନିକ୍ଷେପ କରାଯାଇଥିଲା ।

ଆମେ ଏହି ୩ ଅଧ୍ୟାୟକୁ ଗଭୀର ଭାବରେ ଅଧ୍ୟୟନ କରିବା ପୂର୍ବରୁ, ପ୍ରସଙ୍ଗଟିକୁ ଜାଣିବା ପାଇଁ ସଂକ୍ଷେପରେ ୨ ଅଧ୍ୟାୟକୁ ଦେଖିବା ଗୁରୁତ୍ୱପୂର୍ଣ୍ଣ ଅଟେ । ରାଜା ନବୁଖଦ୍‌ନିତ୍ସର ଏପରି ଏକ ସ୍ୱପ୍ନ ଦେଖିଥିଲେ ଯାହା ତାଙ୍କୁ ବିଚଳିତ କରିଥିଲା ।



ରାଜା ନବୁଖଦ୍‌ନିତ୍ସର ଏକ ଦ୍ୱନ୍ଦ୍ୱପୂର୍ଣ୍ଣ ସ୍ୱପ୍ନ ଦେଖୁଛନ୍ତି ।

''ସେ ଏକ ପ୍ରକାଣ୍ଡ ପ୍ରତିମା ଦେଖିଥିଲେ । ସେହି ପ୍ରତିମାର ମସ୍ତକ ଶୁଦ୍ଧ ସୁବର୍ଣ୍ଣମୟ, ତାହାର ବକ୍ଷ ଓ ବାହୁ ରୌପ୍ୟମୟ, ତାହାର ଉଦର ଓ ଜଙ୍ଘ ପିତ୍ତଳମୟ, ତାହାର ଚରଣ ଲୌହମୟ ଓ ତାହାର ପାଦର କିଛି ଅଂଶ ଲୌହମୟ, କିଛି ମୃତ୍ତିକାମୟ ଥିଲା'' (ଦାନିୟେଲ ୨:୩୧-୩୩) ।

ସେ ଦାନିୟେଲଙ୍କୁ ସ୍ୱପ୍ନର ଅର୍ଥ ପ୍ରକାଶ କରିବାକୁ କହିଛନ୍ତି । ଦାନିୟେଲ ଏହା ବୁଝାଉଛନ୍ତି ଯେ ''ସ୍ୱର୍ଣ୍ଣମୟ ମସ୍ତକ ନିଜେ ରାଜା ନବୁଖଦ୍‌ନିତ୍ସର ଓ ତାଙ୍କ ପରେ, ଅନ୍ୟ ରାଜ୍ୟ ସବୁ ଉଦିତ ହେବ – ମାତ୍ର କୌଣସିଟି ଏତେ ଗୌରବମୟ କିମ୍ବା ଶକ୍ତିଶାଳୀ ହେବ ନାହିଁ'' (ଦାନିୟେଲ ୧୨:୩୮-୩୯) ।

୨ ଅଧ୍ୟାୟ ଓ ୩ ଅଧ୍ୟାୟ ମଧ୍ୟରେ କେତେ ବ୍ୟବଧାନ ଥିଲା, ତାହା ଆମକୁ କୁହାଯାଇ ନାହିଁ, ମାତ୍ର ରାଜାଙ୍କ ହୃଦୟରେ କୌଣସି ବିଷୟ ଆନ୍ଦୋଳିତ ହୋଇଥିଲା । ହୁଏତ ସେ ନିଜେ ଚିନ୍ତା କରିଥିଲେ, ''ମୁଁ ମୃତ୍ୟୁବରଣ କରିବି ଓ କେହି ଜଣେ ମୋ' ପରେ ଶାସନ କରିବ । ମାତ୍ର ଲୋକମାନେ ଯେପରି ମୋ' ଯୁଗକୁ ସୁବର୍ଣ୍ଣ ଯୁଗ ଭାବରେ ମନେରଖିବେ, ଏହା ମୁଁ ଇଚ୍ଛା କରେ ।'' ଗର୍ବ କିମ୍ବା ଅସୁରକ୍ଷା ଦ୍ୱାରା ପରିଚାଳିତ ହୋଇ, ସେ ଗୋଟିଏ ବିଶାଳ ପ୍ରତିମା-ବୋଧହୁଏ ନିଜର ଏକ ସ୍ୱର୍ଣ୍ଣ ପ୍ରତିମା ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଓ ସମସ୍ତେ ଏହାକୁ ସମ୍ମାନ ଦେଖାଇ ଏହାକୁ ପ୍ରଣାମ କରିବା ପାଇଁ ଆଦେଶ ଦେଇଥିଲେ ।

## ୧. ସ୍ୱାଧୀନତା ସହିତ ସମ୍ପୃକ୍ତ

ଦାନିୟେଲ ୩:୨୧ – ''ତହୁଁ ସେହି ପୁରୁଷମାନେ ଆପଣା ଆପଣା ପାୟଜାମା, ଅଙ୍ଗରଖା, ଉତ୍ତରୀୟ ଓ ଅନ୍ୟାନ୍ୟ ବସ୍ତ୍ର ସମେତ ବନ୍ଧାଯାଇ ପ୍ରଜ୍ୱଳିତ ଅଗ୍ନିକୁଣ୍ଡ ମଧ୍ୟରେ ନିକ୍ଷିପ୍ତ ହେଲେ ।''

ରାଜା ଭାବିଥିଲେ ଯେ ସେ ସେମାନଙ୍କୁ ବାନ୍ଧି ଦେଇଥିବାରୁ ପ୍ରଜ୍ୱଳିତ ଅଗ୍ନିକୁଣ୍ଡ ମଧ୍ୟରେ ସେମାନଙ୍କୁ ନିକ୍ଷେପ କରିଥିବାରୁ, ସେମାନଙ୍କର ସ୍ୱାଧୀନତା ଛଡ଼ାଇ ନେଇଥିଲେ । ଶତ୍ରୁ ନିଶ୍ଚୟ ଭାବିଥିବ ଯେ ସେ ଈଶ୍ୱରଙ୍କ ଯୋଜନାକୁ ବିଳମ୍ବ କିମ୍ବା ବିନଷ୍ଟ କରିବା ଦ୍ୱାରା, ସେ ସଫଳ ଭାବରେ ଏହାକୁ ଛୋଟ କରି ଦେଇଥିଲା । ମାତ୍ର ଈଶ୍ୱରଙ୍କର ଏକ ଅତି ଶ୍ରେଷ୍ଠତର ଯୋଜନା କାର୍ଯ୍ୟକାରୀ ଥିଲା ।



ଈଶ୍ୱରଙ୍କ ଯୋଜନା ଶ୍ରେଷ୍ଠତର ଥିଲା

କିଛି କ୍ଷଣ ପାଇଁ, ଏହା ସେହି ତିନି ଯୁବକଙ୍କର ସମାପ୍ତି ଭଳି ମନେ ହେଉଥିଲା । ଯେତେବେଳେ ଈଶ୍ୱର ସଙ୍ଗେ ସଙ୍ଗେ କିଛି ହସ୍ତକ୍ଷେପ କଲେ ନାହିଁ, ସେତେବେଳେ ଶୟତାନ ନିଶ୍ଚୟ ଖୁସି ହୋଇଥିବ । ପ୍ରାୟତଃ, ଆମେ ଯେତେବେଳେ ପ୍ରାର୍ଥନା କରୁ, ସେତେବେଳେ ଈଶ୍ୱର ସଙ୍ଗେ ସଙ୍ଗେ ଉତ୍ତର ଦିଅନ୍ତି । ମାତ୍ର ଅନ୍ୟ ସମୟରେ, ବର୍ଷ ବର୍ଷ ଧରି ନୀରବତା ରହିଥାଏ । ଏହି ନୀରବତା ଆମର ବିଶ୍ୱାସକୁ ଦୋହଲାଇ ଦେଇପାରେ ଓ ଆମକୁ ପ୍ରାର୍ଥନା କରିବା ଛାଡ଼ି ଦେବା ପାଇଁ ପ୍ରଲୁବ୍ଧ କରିପାରେ ।




# ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତ୍‌ରେ ''ଆହ୍ୱାନର ପ୍ରତିଧ୍ୱନି''କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
**10, Mohammed Abdullah 2nd Street, Chepauk, Chennai-600 005, India**
**Cell: (+91) 98412 71858 / 98410 71858 E.mail: sam@echoofhiscall.org**

ମୁଁ ଆପଣମାନଙ୍କ ବିଷୟରେ ଜାଣି ନାହିଁ, ମାତ୍ର ମୁଁ ଏପରି ସମୟର ଅନୁଭୂତି ପାଇଛି, ଯେଉଁ ବେଳେ ପ୍ରାର୍ଥନା କରିବା ପରେ, ପରିସ୍ଥିତି ଉତ୍ତମ ହେବା ପରିବର୍ତ୍ତେ, ଅଧିକ ମନ୍ଦ ହୋଇ ଯାଇଥିଲା । ଯଦି ଆମେ ସେହି ଏବ୍ରୀୟ ଯୁବକମାନଙ୍କ କାହାଣୀ ପ୍ରତି ଦୃଷ୍ଟିପାତ କରିବା ତେବେ ସେମାନେ ସାହସର ସହିତ ସେମାନଙ୍କର ବିଶ୍ୱାସକୁ ସ୍ୱୀକାର କରିବା ପରେ, ଅଗ୍ନିକୁ ୭ ଗୁଣ ଉତ୍ତପ୍ତ କରାଯାଇଥିଲା ।

ପ୍ରିୟ ବନ୍ଧୁ, ହୁଏତ ଆପଣ ନିଜକୁ ପଚାରିଥିବେ, ''ପ୍ରଭୁ, କାହିଁକି ପରିସ୍ଥିତି ମନ୍ଦରୁ ଅଧିକ ମନ୍ଦ ହୋଇଗଲା ? ମୁଁ ପ୍ରାର୍ଥନା କରିଚାଲିଛି – ତୁମେ କାହିଁକି ଏହାକୁ ଅନୁମତି ଦେଲ ?''

ହଁ, ଈଶ୍ୱର ସେମାନଙ୍କୁ ଅଗ୍ନି ମଧ୍ୟରେ ନିକ୍ଷିପ୍ତ ହେବାରୁ ରକ୍ଷା କରି ପାରିଥା'ନ୍ତେ । ସେମାନେ ଅଗ୍ନି ମଧ୍ୟରେ ନିକ୍ଷିପ୍ତ ହେବା ପୂର୍ବରୁ, ସେ ଅଗ୍ନିକୁ ନିର୍ବାପିତ କରିପାରିଥା'ନ୍ତେ । ମାତ୍ର ସେ ଏହା ଅପେକ୍ଷା ଆହୁରି ବଡ଼ କାର୍ଯ୍ୟ କରିଥିଲେ – ସେ ନିଜେ ଅଗ୍ନିରେ ସେମାନଙ୍କୁ ଅପେକ୍ଷା କରିଥିଲେ । ସେ ସେଠାରେ ଥିଲେ, ନିଜ ହସ୍ତରେ ସେମାନଙ୍କୁ ଧରିବା ପାଇଁ ପ୍ରସ୍ତୁତ ଥିଲେ ।

ଯେଉଁ ବେଳେ ସେମାନେ ଅଗ୍ନିକୁଣ୍ଡ ମଧ୍ୟରେ ପଡିବ ହେଲେ, ସେତେବେଳେ ସେମାନେ ସିଧାସଳଖ ଈଶ୍ୱରଙ୍କ ହସ୍ତ ମଧ୍ୟରେ ପଡ଼ିଥିବେ ବୋଲି ମୁଁ ବିଶ୍ୱାସ କରେ । ସେ ସେମାନଙ୍କ ଆଗରେ ଆଗେ ଯାଇ ସାରିଥିଲେ । ଈଶ୍ୱର ସର୍ବଦା ଆମ ଆଗେ ଆଗେ ଯାଆନ୍ତି – ଏପରିକି ଅଗ୍ନିରେ ମଧ୍ୟ, ଆମକୁ ସୁରକ୍ଷା ଦେବା ପାଇଁ ଆମର ଆଗେ ଆଗେ ଚାଲନ୍ତି । ଭୟଙ୍କର ଅଗ୍ନିକୁଣ୍ଡ ମଧ୍ୟରେ ମଧ୍ୟ, ସେ ଉପସ୍ଥିତ ଥାଆନ୍ତି । ଆପଣ ଏକାକୀ ନୁହଁନ୍ତି । ସେ ଆପଣଙ୍କୁ ଶକ୍ତି ଦେବା ପାଇଁ, ଆପଣଙ୍କୁ ବଞ୍ଚାଇ ରଖିବା ପାଇଁ, ସେ ସେଠାରେ ଆପଣଙ୍କୁ ଅପେକ୍ଷା କରିଥିବେ ।

ଈଶ୍ୱରଙ୍କ ଅନୁମତି ବିନା, ଆମ ଜୀବନରେ କିଛି ଘଟେ ନାହିଁ । ସେ ଅତିରିକ୍ତ ସଂଘର୍ଷର ସମୟକୁ ଅନୁମତି ଦିଅନ୍ତି – ଆମର କ୍ଷତି କରିବା ପାଇଁ ନୁହେଁ, ମାତ୍ର ଆମକୁ ଆଗାମୀ ପିଢ଼ୀ ନିକଟରେ ଜୀବନ୍ତ ସାକ୍ଷୀ ଭାବରେ ବ୍ୟବହାର କରିବା ପାଇଁ । ଆମ ଜୀବନ ଓ ଆମର ସାକ୍ଷ୍ୟ ସ୍ଥିର ରହିବ । ଈଶ୍ୱର ଏକ ଐତିହ୍ୟ ଛାଡ଼ିବା ପାଇଁ ଆମକୁ ଆହ୍ୱାନ କରିଛନ୍ତି ।

## ୨. ସ୍ୱାଧୀନ ଭାବରେ ଚଲାବୁଲା କରିବା

ତିନିଜଣ ଯୁବକଙ୍କୁ ଅଗ୍ନି ମଧ୍ୟରେ ନିକ୍ଷେପ କରିବା ପରେ, ସେମାନଙ୍କର ସମସ୍ତ ବନ୍ଧନ ଫିଟିଗଲା । ସେମାନଙ୍କ ହସ୍ତ ଓ ପଦରେ ବନ୍ଧାଯାଇଥିବା ଦଉଡ଼ି ଉଭେଇ ଯାଇଥିଲା । ପ୍ରଭୁଙ୍କ ଉପସ୍ଥିତିରେ, ସେମାନେ



ଚାରିଜଣ ବ୍ୟକ୍ତି ଅଗ୍ନି ମଧ୍ୟରେ ମୁକ୍ତ ଭାବରେ ଚାଲୁଛନ୍ତି ।

ମୁକ୍ତ ଥିଲେ – ଅକ୍ଷତ ଅବସ୍ଥାରେ ଚାଲୁଥିଲେ ଓ ତାଙ୍କ ପାଖେ ପାଖେ ଈଶ୍ୱରଙ୍କ ପୁତ୍ର ଥିଲେ ।

''...ଦେଖ, ମୁଁ ଅଗ୍ନି ମଧ୍ୟରେ ଗମନ କରିବାର ଚାରି ମୁକ୍ତ ଲୋକ ଦେଖୁଅଛି ଓ ସେମାନଙ୍କର କୌଣସି କ୍ଷତି ହୋଇ ନାହିଁ ...'' (ଦାନିୟେଲ ୩:୨୫) ।

ତାମିଲ ବାଇବଲରେ, ଏହି ବାକ୍ୟକୁ ସୁନ୍ଦର ଭାବେ ଅନୁବାଦ କରାଯାଇଛି – ସେମାନେ କେବଳ ଚାଲୁଥିଲେ ବୋଲି ନ କହି ସେମାନେ ଚଲାବୁଲା କରୁଥିଲେ ବୋଲି ଏହା କହିଛି । କେଡେ ସୁନ୍ଦର ଚିତ୍ର । ଏହି ଲୋକମାନଙ୍କୁ ମୁକ୍ତ କରାଯାଇଥିଲା – ସେହି ସ୍ଥାନରେ ମୁକ୍ତି, ଯେଉଁ ସ୍ଥାନରେ ସେମାନଙ୍କୁ ବିନାଶ କରିବା ପାଇଁ ଯୋଜନା କରାଯାଇଥିଲା ।

ପ୍ରିୟ ଭାଇ ଓ ଭଉଣୀମାନେ, ଆପଣମାନେ ହୁଏତ ନିଜ ନିଜକୁ ବର୍ତ୍ତମାନ ଅଗ୍ନି ମଧ୍ୟରେ ରହିଥିବାର ଦେଖୁଥିବେ । ମାତ୍ର ଆପଣମାନେ ଯେ ପର୍ଯ୍ୟନ୍ତ ଈଶ୍ୱରଙ୍କ ଉପସ୍ଥିତିରେ ଅଛନ୍ତି, ସେ ପର୍ଯ୍ୟନ୍ତ ମୁକ୍ତ ଅଟନ୍ତି । ସେ ପ୍ରତ୍ୟେକ ବନ୍ଧନ ଭଗ୍ନ କରିବା ପାଇଁ ସମର୍ଥ ଅଟନ୍ତି । ଯୀଶୁ ଖ୍ରୀଷ୍ଟଙ୍କ ରକ୍ତରେ ମୁକ୍ତି ଅଛି ।

ସେମାନେ ଯେ ଉଦ୍ଧାର ପାଇଥିଲେ, ଏହା ମୋତେ ସେତିକି ଆଶ୍ଚର୍ଯ୍ୟ କରେ ନାହିଁ, ସେମାନେ ଯାହା କରୁଥିଲେ, ତାହା ମୋତେ ଅଧିକ ଆଶ୍ଚର୍ଯ୍ୟ କରେ, ସେମାନେ ସେମାନଙ୍କର ନିର୍ମାଣକର୍ତ୍ତାଙ୍କ ସହିତ ଚଲାବୁଲା କରୁଥିଲେ ।

ଏ ବିଷୟରେ ଚିନ୍ତା କରନ୍ତୁ – ସାଧାରଣଭାବେ, ଆମେ କେତେ ବେଳେ ବୁଲାଚଲା କରୁ ? ଲୋକମାନେ ପାର୍କରେ, କିମ୍ବା ଉଦ୍ୟାନରେ, ଶାନ୍ତଭାବରେ ଓ ମନ୍ଥର ଗତିରେ, ପ୍ରକୃତିକୁ କମ୍ବା ଉତ୍ତମ ସାଥୀଙ୍କୁ ଉପଭୋଗ କରି, ଧୀରେ ସୁସ୍ଥେ ଚାପ କିମ୍ବା ଚିନ୍ତା ବିନା ବିଚରଣ କରନ୍ତି ।

ଆପଣମାନେ କଳ୍ପନା କରିପାରୁଛନ୍ତି କି ? ଶଦ୍ରକ୍, ମୈଶକ୍ ଓ ଅବେଦ୍‌ନଗୋ ଏକ ପ୍ରଜ୍ୱଳିତ ଅଗ୍ନିକୁଣ୍ଡ ମଧ୍ୟରେ, ଚାପଗ୍ରସ୍ତ ନ ହୋଇ ଶାନ୍ତଭାବରେ ବିଚରଣ କରୁଥିଲେ । ଶତ୍ରୁ ସେମାନଙ୍କୁ ପାଇ ପାରିଥିଲା ବୋଲି ଭାବିଥିଲା, ମାତ୍ର ସେ ଗୋଟିଏ ଶକ୍ତିପୂର୍ଣ୍ଣ ସତ୍ୟକୁ ଉପଲବ୍ଧି କରି ନ ଥିଲା, ଈଶ୍ୱର ସେମାନଙ୍କ ପକ୍ଷରେ ଥିଲେ ।

ସାହସର ସହିତ ବଡ଼ ପାଟିରେ କହନ୍ତୁ, ''ଈଶ୍ୱର ମୋର ପକ୍ଷରେ ଅଛନ୍ତି ।''

## ୩. କୌଣସି କ୍ଷତି ନାହିଁ

କେବଳ ସେମାନଙ୍କର ହସ୍ତ ଓ ପଦ ଖୋଲି ଯାଇଥିଲା, ତା' ନୁହେଁ, ସେମାନେ ଯେ କେବଳ ପ୍ରଭୁଙ୍କ ସହିତ ଚାଲୁଥିଲେ, ତା'ନୁହେଁ – ସେମାନେ ସଂପୂର୍ଣ୍ଣ ଭାବରେ ଅକ୍ଷତ ଥିଲେ । ଦାନିୟେଲ ୩:୨୭ ଘୋଷଣା କରିଛି, ''... ସେମାନଙ୍କର କୌଣସି କ୍ଷତି ହୋଇ ନାହିଁ'' ।

### ତାହା କିପରି ସମ୍ଭବ ?

ଏହାର ଅର୍ଥ ହେଉଛି, ଅଗ୍ନିର କୌଣସି ଚିହ୍ନ, କୌଣସି ପୋଡ଼ା ଘା', କିମ୍ବା ଫୋଟକା, କିମ୍ବା କୌଣସି ଧୂଆଁ ଗନ୍ଧ ମଧ୍ୟ ନ ଥିଲା । ଈଶ୍ୱର ସେମାନଙ୍କୁ ଏପରି ଆବୃତ କରିଥିଲେ ଯେ ମନେ ହେଉଥିଲା ସେପରି ସେମାନେ ଆଦୌ ଅଗ୍ନି ମଧ୍ୟରେ ନ ଥିଲେ ।

ସେମାନଙ୍କୁ ଅଗ୍ନି ନିକଟକୁ ନିଆ ଯାଉଥିବା ସମୟରେ, ସେମାନେ ଗୀତସଂହିତା ୨୩ ଗାନ କରୁଥିବେ ବୋଲି ମୁଁ କଳ୍ପନା କରୁଛି ।

''ମୁଁ ମୃତ୍ୟୁଚ୍ଛାୟାରୂପ ଉପତ୍ୟକା ଦେଇ ଗମନ କଲେ ହେଁ କୌଣସି ଆପଦକୁ ଭୟ କରିବି ନାହିଁ, କାରଣ ତୁମ୍ଭେ ମୋହର ସହବର୍ତ୍ତୀ, ତୁମ୍ଭର ପାଞ୍ଚଣ ଓ ବାଡ଼ି ମୋତେ ସାନ୍ତ୍ୱନା ଦିଅନ୍ତି'' (ଗୀତସଂହିତା ୨୩:୪) ।



ମୁଁ ମୃତ୍ୟୁଚ୍ଛାୟାରୂପ ଉପତ୍ୟକା ଦେଇଗମନ କଲେ ହେଁ କୌଣସି ଆପଦକୁ ଭୟ କରିବି ନାହିଁ ।

(ଅବଶିଷ୍ଟାଂଶ ୨୫ ପୃଷ୍ଠାରେ)

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1965

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୬), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୫ ସେପ୍ଟେମ୍ବର ୧୯ ରୁ ୨୦୨୫ ଅକ୍ଟୋବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ସେପ୍ଟେମ୍ବର ୧୯ ⇨ ଆମର ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଅଧ୍ୟକ୍ଷ, ଶିକ୍ଷକ ଓ କର୍ମଚାରୀମାନଙ୍କ ନିମନ୍ତେ ।

ସେପ୍ଟେମ୍ବର ୨୦ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ସେପ୍ଟେମ୍ବର ୨୧ ⇨ ବାଇବଲ କରେସ୍ପଣ୍ଡେସ ପାଠ୍ୟକ୍ରମ ଓ ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମର ବୃଦ୍ଧି ନିମନ୍ତେ ।

ସେପ୍ଟେମ୍ବର ୨୨ ⇨ ଆମ କର୍ମଚାରୀମାନଙ୍କ ଉପରେ ତାଙ୍କର ଆଶୀର୍ବାଦ ରହିଥିବାରୁ ।

ସେପ୍ଟେମ୍ବର ୨୩ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ଗୁଡ଼ିକ ଉପରେ ଥିବା ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ।

ସେପ୍ଟେମ୍ବର ୨୪ ⇨ ଅଗଷ୍ଟ ମାସରେ, ଈଶ୍ୱର ଆମର ସମସ୍ତ ଆବଶ୍ୟକୀୟ ବିଷୟ ଯୋଗାଇଥିବାରୁ ।

ସେପ୍ଟେମ୍ବର ୨୫ ⇨ ୨୦୨୫ ଅଗଷ୍ଟ ୧୦ରେ, ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ ଏହାର ୬୭ ତମ ବର୍ଷରେ ପ୍ରବେଶ କରିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଈଶ୍ୱରଙ୍କ ଅନୁଗ୍ରହ ଆମକୁ ସାହାଯ୍ୟ କରିଥିବାରୁ ।

ସେପ୍ଟେମ୍ବର ୨୬ ⇨ ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲରେ ନୂତନ ଆଡ୍‌ମିଶନ ଉପରେ ଈଶ୍ୱର ଦୟା କରିଥିବାରୁ ।

ସେପ୍ଟେମ୍ବର ୨୭ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ସମସ୍ତ ଶାଖା ମଣ୍ଡଳୀ ଗୁଡ଼ିକରେ ଆମର ରବିବାର ଉପାସନାଗୁଡ଼ିକ ମାଧ୍ୟମରେ ଈଶ୍ୱରଙ୍କ ବାକ୍ୟର ଶକ୍ତି ପ୍ରକାଶିତ ହେଉଥିବାରୁ ।

ସେପ୍ଟେମ୍ବର ୨୮ ⇨ ଆମର ସାନ୍ଧ୍ୟ ନିହିମିୟା ବାଇବଲ କଲେଜକୁ ନୂତନ ଛାତ୍ରମାନଙ୍କୁ ଯୋଗାଇଥିବାରୁ ।

ସେପ୍ଟେମ୍ବର ୨୯ ⇨ ଆମର ମିଶନ କାର୍ଯ୍ୟକାରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ଗଭୀର ସମର୍ପଣ ନିମନ୍ତେ ।

ସେପ୍ଟେମ୍ବର ୩୦ ⇨ ଆମର ବରିଷ୍ଠ ପାଳକ ଓ ବିଭିନ୍ନ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାରର ଅଗ୍ରଗତି ପ୍ରତି ତାଙ୍କର ଅଟଳ ସମର୍ପଣ ନିମନ୍ତେ ।

ଅକ୍ଟୋବର ୧ ⇨ ଆମର ଇନ୍-ହାଉସ୍ ପ୍ରିଣ୍ଟିଂ ପ୍ରେସ୍ ମାଧ୍ୟମରେ ୧୬ଟି ଭାଷାରେ ଆମର ପତ୍ରିକା ଛପାଇବା ପାଇଁ ଓ ପ୍ରକାଶ କରି ସେଗୁଡ଼ିକୁ ମିଶନ୍ କ୍ଷେତ୍ରଗୁଡ଼ିକୁ ପଠାଇବା ପାଇଁ ଆମକୁ ସମର୍ଥ କରିଥିବାରୁ ।

ଅକ୍ଟୋବର ୨ ⇨ ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ସେବାକାର୍ଯ୍ୟ ମାଧ୍ୟମରେ ପ୍ରଚାର କରାଯାଉଥିବା ୫-ମିନିଟ୍‌ର ବାର୍ତ୍ତା ଯୋଗୁ, ଆମେ ଉତ୍ସାହପ୍ରଦ ସାକ୍ଷ୍ୟ ସବୁ ପାଇଥିବାରୁ ।

ଅକ୍ଟୋବର ୩ ⇨ ଈଶ୍ୱର ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ବାଇବଲ କରେସପଣ୍ଡେସ୍ ପାଠ୍ୟକ୍ରମ ଉପରେ ନିରନ୍ତର ଆଶୀର୍ବାଦ କରୁଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଅକ୍ଟୋବର ୪ ⇨ ଈଶ୍ୱର ଯେପରି ନିୟମିତ ଭାବେ ଥିଓଲୋଜିକାଲ୍ ଅଧିବେଶନର ପରିଚାଳନା କରିବା ପାଇଁ ଆମକୁ ଚାଳନା ଦେବେ ।

ଅକ୍ଟୋବର ୫ ⇨ ସମସ୍ତ ଜାତି ଓ ଦେଶର ଲୋକଙ୍କ ମଧ୍ୟରେ ଏକତା ଓ ଶାନ୍ତି ନିମନ୍ତେ ।

ଅକ୍ଟୋବର ୬ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ ।

ଅକ୍ଟୋବର ୭ ⇨ ଆମର ସମସ୍ତ ସାଥୀ, ରାଜ୍ୟ-ସଂଯୋଜକ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ ।

ଅକ୍ଟୋବର ୮ ⇨ ସମଗ୍ର ପୃଥିବୀର ଲୋକମାନଙ୍କର ସୁରକ୍ଷା ଓ ମଙ୍ଗଳ ନିମନ୍ତେ ।

ଅକ୍ଟୋବର ୯ ⇨ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ (ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ)ରେ ନୂତନ ଛାତ୍ରମାନଙ୍କର ଆଡ୍‌ମିଶନ୍ ନିମନ୍ତେ ।

ଅକ୍ଟୋବର ୧୦ ⇨ ଆମର ସୁସମାଚାର ଛାପାଖାନା ଉପରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ।

ଅକ୍ଟୋବର ୧୧ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲଭାରାଜ୍ ଓ ତାଙ୍କ ପରିବାରର ଉତ୍ତମ ସ୍ୱାସ୍ଥ୍ୟ ଓ ମଙ୍ଗଳ ନିମନ୍ତେ ।

ଅକ୍ଟୋବର ୧୨ ⇨ ସମସ୍ତ ଦେଶର ବିଶ୍ୱାସୀମାନଙ୍କର ଈଶ୍ୱରଙ୍କ ସହିତ ସେମାନଙ୍କ ସଂପର୍କରେ ସତ୍ୟ ନିଷ୍ଠା ନିମନ୍ତେ ।

ଅକ୍ଟୋବର ୧୩ ⇨ ଆହ୍ୱାନର ପ୍ରତିଧ୍ୱନିର ଯୁବ ଓ ପ୍ରଚାର ସେବାକାର୍ଯ୍ୟ ନିମନ୍ତେ ।

ଅକ୍ଟୋବର ୧୪ ⇨ ପୃଥିବୀର ବିଭିନ୍ନ ଅଞ୍ଚଳରେ ଦେଖା ଦେଉଥିବା ଅର୍ଥନୈତିକ ସଙ୍କଟର ସମାପ୍ତ ନିମନ୍ତେ ।

ଅକ୍ଟୋବର ୧୫ ⇨ ସମଗ୍ର ପୃଥିବୀର ମିଶନେରୀମାନଙ୍କର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଅକ୍ଟୋବର ୧୬ ⇨ ସମସ୍ତ ଦେଶ ଯେପରି ଈଶ୍ୱର-ଭୟାଳୁ ନେତାମାନଙ୍କ ଦ୍ୱାରା ପରିଚାଳିତ ହେବ ।

ଅକ୍ଟୋବର ୧୭ ⇨ ବଞ୍ଚିତ ଓ ଦଳିତ ଲୋକମାନଙ୍କର ଅର୍ଥନୈତିକ ଉନ୍ନତି ନିମନ୍ତେ ।

ଅକ୍ଟୋବର ୧୮ ⇨ ପ୍ରତ୍ୟେକ ସ୍ଥାନରେ ଲୋକମାନେ ଯେପରି ପ୍ରାକୃତିକ ବିପର୍ଯ୍ୟୟରୁ ସ୍ୱର୍ଗୀୟ ସୁରକ୍ଷା ପାଇବେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଆଉ ପ୍ରକୃତରେ, ସେ ଯେପରି ପ୍ରତିଜ୍ଞା କରିଛନ୍ତି, ସେହିପରି ସାନ୍ତ୍ୱନା ଦେବା ପାଇଁ ଓ ଉଦ୍ଧାର କରିବା ପାଇଁ ଅପେକ୍ଷା କରୁ କରୁ ସେମାନଙ୍କ ସହିତ ରହିଥିଲେ ।

**ଏଠାରେ ତାଙ୍କର କେତୋଟି ବହୁମୂଲ୍ୟ ପ୍ରତିଜ୍ଞା ପ୍ରଦତ୍ତ ଅଛି –**

**ଯିଖରିୟ ୨:୮**

"...ଯେଉଁ ଲୋକ ତୁମ୍ଭମାନଙ୍କୁ ସ୍ପର୍ଶ କରେ, ସେ ତାହାଙ୍କ ଚକ୍ଷୁର ପିତୁଳାକୁ ସ୍ପର୍ଶ କରେ ।"

**ଯିଶାଇୟ ୪୯:୧୬**

"ଦେଖ, ଆମ୍ଭେ ଆପଣା ହସ୍ତ ଦ୍ୱୟର ପାପୁଲିରେ ତୁମ୍ଭର ଆକୃତି ଖୋଳିଅଛୁ... ।"

**ଗୀତସଂହିତା ୯୧:୧୧**

"... ସେ ତୁମ୍ଭର ସବୁ ଗତିରେ ତୁମ୍ଭକୁ ରକ୍ଷା କରିବା ପାଇଁ ଆପଣା ଦୂତଗଣଙ୍କୁ ତୁମ୍ଭ ବିଷୟରେ ଆଜ୍ଞା ଦେବେ ।"

**ଗୀତସଂହିତା ୧୨୧:୭**

"ସଦାପ୍ରଭୁ ସମସ୍ତ ଅମଙ୍ଗଳରୁ ତୁମ୍ଭକୁ ରକ୍ଷା କରିବେ । ସେ ତୁମ୍ଭର ପ୍ରାଣକୁ ରକ୍ଷା କରିବେ ...।"

**ଯୋହନ ୧୦:୨୮**

"... ମୁଁ ସେମାନଙ୍କୁ ଅନନ୍ତ ଜୀବନ ଦିଏ, ଆଉ ସେମାନେ କଦାପି କେବେ ହେଁ ବିନଷ୍ଟ ହେବେ ନାହିଁ, ପୁଣି କେହି ମୋ' ହସ୍ତରୁ ସେମାନଙ୍କୁ ଗ୍ରହଣ କରିବ ନାହିଁ ।"

ପ୍ରିୟ ବନ୍ଧୁଗଣ, ଆପଣମାନେ ବର୍ତ୍ତମାନ ଯେଉଁ ଦୁଃଖଦାୟକ କିମ୍ବା ଶ୍ୱାସରୁଦ୍ଧକାରୀ ପରିସ୍ଥିତିରେ ଥିଲେ ମଧ୍ୟ – ଆପଣମାନେ ଏଥିରୁ କ୍ଷତିବିହୀନ ଭାବରେ ବାହାରି ଆସିବେ । କେବଳ ପ୍ରଭୁଙ୍କୁ ଧରି ରଖନ୍ତୁ । ସେ ମାର୍ଗ ନ ଥିବା ଭଳି ମନେ ହେଉଥିବା ସ୍ଥାନରେ ଏକ ମାର୍ଗ ପ୍ରସ୍ତୁତ କରିବେ ।

ଆପଣମାନେ ହୁଏତ ଏକ ଅସନ୍ତ୍ ସମ୍ପର୍କ ଭିତରେ ଫସି ଯାଇଛନ୍ତି, ଏକ ଅର୍ଥନୈତିକ ସମସ୍ୟାରେ ବୁଡ଼ି ଯାଇଛନ୍ତି, ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି, କୌଣସି ଆଇନଗତ ମକଦ୍ଦମା ମଧ୍ୟରେ ଛନ୍ଦି ହୋଇଛନ୍ତି, କିମ୍ବା କୌଣସି ପ୍ରିୟଜନଙ୍କୁ ହରାଇ ଦୁଃଖିତ ଅଛନ୍ତି । ମାତ୍ର ଏହା ମନେରଖନ୍ତୁ – ଈଶ୍ୱର ଆପଣଙ୍କ ପକ୍ଷରେ ଅଛନ୍ତି ।

ଏହି ପ୍ରତିଜ୍ଞାଗୁଡ଼ିକୁ ଦାବୀ କରନ୍ତୁ । ଦୁଃଖ ମଧ୍ୟରେ ତାଙ୍କର ପ୍ରଶଂସା କରି ଚାଲନ୍ତୁ । ହୁଏତ, ସେ ସେହି ପରିସ୍ଥିତି ମଧ୍ୟରୁ ଆପଣମାନଙ୍କୁ ବାହାର କରି ଆଣିବେ, ନଚେତ୍ କ୍ଷତି ବିନା, ଏହାକୁ ସହ୍ୟ କରିବା ପାଇଁ ଅନୁଗ୍ରହ ପ୍ରଦାନ କରିବେ ।

ଆପଣମାନେ ସେହିପରି ବାହାରି ଆସିବେ, ଯେପରି ସେହି ତିନି ଜଣ ଏବ୍ରୀୟ ଯୁବକ ଅଗ୍ନି ମଧ୍ୟରୁ ସଂପୂର୍ଣ୍ଣ ଅକ୍ଷତ ଅବସ୍ଥାରେ ବାହାରି ଆସିଥିଲେ ।

## ୪. ଅଗ୍ନିର କୌଣସି ଶକ୍ତି ନ ଥିଲା

ଦାନିୟେଲ ୩:୨୭ରେ ଲେଖାଯାଇଛି – "... ଅଗ୍ନି ସେମାନଙ୍କର ଶରୀର ଉପରେ କିଛି ହିଁ ଶକ୍ତି ପ୍ରକାଶ କରି ନାହିଁ ...।" ଏହାର ଅର୍ଥ, ଆପଣମାନେ ଯେଉଁ ପରିସ୍ଥିତିରେ ଅଛନ୍ତି, ତାହାର ଆପଣମାନଙ୍କ ଉପରେ କୌଣସି କ୍ଷମତା ନାହିଁ । ହାଲିଲୁୟା ।

ରାଜା ଓ ତାଙ୍କର ରାଜ କର୍ମଚାରୀମାନେ ଏହା ବିଶ୍ୱାସ କରିଥିଲେ ଯେ ଅଗ୍ନି ସେମାନଙ୍କୁ ଗ୍ରାସ କରିବ । ମାତ୍ର ପ୍ରକୃତରେ ଏକ ଉଲ୍ଲେଖନୀୟ ଘଟଣା ଘଟିଥିଲା : ଅଗ୍ନି ଫଳାଫଳକୁ ନିର୍ଣ୍ଣୟ କରି ନ ଥିଲା, ମାତ୍ର ଈଶ୍ୱରଙ୍କ ଶକ୍ତି ଦ୍ୱାରା ସେହି ଏବ୍ରୀୟ ଯୁବକମାନେ ପରିସ୍ଥିତିକୁ ନିର୍ଣ୍ଣୟ କରିଥିଲେ ।

ମୁଁ ଆପଣମାନଙ୍କୁ କହୁଅଛି : ଆପଣମାନଙ୍କ ଉପରେ ଆପଣମାନଙ୍କ ପରିସ୍ଥିତିର ସେପର୍ଯ୍ୟନ୍ତ କୌଣସି କ୍ଷମତା ନ ଥାଏ, ଯେ ପର୍ଯ୍ୟନ୍ତ ଆପଣମାନେ ତାହାର ଶକ୍ତି ନିକଟରେ ଆତ୍ମ ସମର୍ପଣ କରି ନାହାନ୍ତି ।


ଆପଣମାନଙ୍କର ଭୟ, ଯନ୍ତ୍ରଣା, କିମ୍ବା ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଆତ୍ମ ସମର୍ପଣ କରନ୍ତୁ ନାହିଁ । ଆପଣମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ପରିସ୍ଥିତିକୁ ଅନୁମତି ଦିଅନ୍ତୁ ନାହିଁ । ଈଶ୍ୱରଙ୍କ ସନ୍ତାନ ଭାବରେ, ଆପଣମାନଙ୍କ ନିକଟରେ ତାଙ୍କର ଅଧିକାର ଅଛି । ଅଗ୍ନି ବାସ୍ତବ ହୋଇପାରେ, ମାତ୍ର ଯେଉଁ ବ୍ୟକ୍ତି ସେହି ଚତୁର୍ଥ ପୁରୁଷଙ୍କ ସହିତ ଚାଲୁଥାନ୍ତି, ତାଙ୍କ ବିରୁଦ୍ଧରେ ଏହା ଶକ୍ତିହୀନ ଅଟେ ।

## ୫. ଏହା ଈଶ୍ୱରଙ୍କର ଗୌରବ ଆଣିଥିଲା ।

ଆନନ୍ଦପୂର୍ଣ୍ଣ ହେଉ କିମ୍ବା ଯନ୍ତ୍ରଣାପୂର୍ଣ୍ଣ ହେଉ, ଆମ ଜୀବନର ପ୍ରତ୍ୟେକଟି ଘଟଣାରେ ଈଶ୍ୱରଙ୍କ ପ୍ରତି ଗୌରବ ଆଣିବା ପାଇଁ ଏକ ସ୍ୱର୍ଗୀୟ ଉଦ୍ଦେଶ୍ୟ ରହିଥାଏ ।

ହଁ, ଦୁଃଖଭୋଗରେ ମଧ୍ୟ । କ୍ଷତିରେ ମଧ୍ୟ । ଅଗ୍ନିରେ ମଧ୍ୟ ... ।

ଆଶ୍ଚର୍ଯ୍ୟ କର୍ମଟିକୁ ଦେଖିବା ପରେ, ରାଜା ନବୂଖଦ୍ନିତ୍ସର ଘୋଷଣା କରିଥିଲେ :



ରାଜା ନବୂଖଦ୍ନିତ୍ସରଙ୍କର ଆଦେଶ

"... ତାହାଙ୍କର ଯେଉଁ ଦାସମାନେ ତାହାଙ୍କଠାରେ ବିଶ୍ୱାସ କଲେ ଓ ଆପଣାମାନଙ୍କର ପରମେଶ୍ୱର ଭିନ୍ନ

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
ଯୋଗ୍ୟତା : ୧୦ମ ଓ ତଦୂର୍ଦ୍ଧ୍ୱ
Chepauk & Santhoshapuram, Velachery Chennai. ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ ।
ଥିଓଲୋଜିରେ ଡିପ୍ଲୋମା
ମାଧ୍ୟମ - ହିନ୍ଦୀ (Residential) Sponsorship Available
ମାଧ୍ୟମ - ତାମିଲ (Part Time)
ବିଗତ ୫୬ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
* ONLINE CLASSES ARE AVAILABLE *

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର - ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ବାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଡିଗ୍ରୋଡି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ - ପ୍ରକାଶନ ।
୧୧. ସେଣ୍ଟପଲସ୍ ମାଟ୍ରିକୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ - ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ଣ ୪.୦୦ ଘଟିକା ।
୧୩. ତାମିଲ ଉପାସନା - ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା - ରବିବାର ଅପରାହ୍ଣ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା - ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା - ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା - ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା - ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା - ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ - ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର - ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା - ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା - ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା - ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ - ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା - ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା - ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ - ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ବାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ - ୭୬ ପୃଷ୍ଠା ଓ ତାମିଲ୍‌ରେ - ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ - "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଶୁଳ୍କ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମବଦ୍ଧୁରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ - ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଶୁଳ୍କ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.
**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ବାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ "ଆହ୍ବାନର ପ୍ରତିଧ୍ୱନି" ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | |
|---|---|
| Account Name | : ECHO OF HIS CALL EDUCATIONAL TRUST |
| Account Number | : 1023 2923 805 |
| Bank Name | : STATE BANK OF INDIA |
| Branch | : TRIPLICANE, CHENNAI - 600 005 |
| IFSC Code | : SBIN 0000249 |
| SWIFT Code | : SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲଭା ରାଜଙ୍କ ଜୀବନାନୁଭୂତି)

*''ଯେ ପାଠ କରେ, ସେ ବୁଝୁ'' (ମାଥିଉ ୨୪:୧୫)*

## ''ପ୍ରଭୁ ଏକ ଛୋଟ ସେବାକାର୍ଯ୍ୟକୁ ଉନ୍ନୀତ କରନ୍ତି'' ।

ମୋର ଆଦ୍ୟ ଦିନଗୁଡ଼ିକରୁ, ପ୍ରଭୁ ମୋତେ ଯେ କୌଣସି ମାଧ୍ୟମରେ, ଯେ କୌଣସି ମୂଲ୍ୟ ବିନିମୟରେ, ଯେ କୌଣସି ମାର୍ଗରେ ଓ ପ୍ରତ୍ୟେକ ଉପାୟରେ ଲୋକମାନଙ୍କୁ ତାଙ୍କର ଗୌରବମୟ ସୁସମାଚାର ଜଣାଇବା ପାଇଁ ଅତି ଆଗ୍ରହ ଓ ଗୋଟିଏ ବଡ଼ ବୋଝ ଦେଇଥିଲେ (୧ କରିନ୍ଥୀୟ ୯:୨୨) । ଦିନେ, ମୁଁ ଗୋଟିଏ ପତ୍ରିକା ଦେବା ଦ୍ୱାରା କିମ୍ବା ବ୍ୟକ୍ତିଗତ ଭାବରେ ଖ୍ରୀଷ୍ଟଙ୍କ ପ୍ରେମକୁ ଜଣାଇବା ଦ୍ୱାରା ପ୍ରତିଦିନ, ଅନ୍ତତଃ, ଜଣେ ବ୍ୟକ୍ତିଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ କହିବା ପାଇଁ ନିଷ୍ପତ୍ତି ନେଇଥିଲି । ପ୍ରଭୁ ଆଜି ପର୍ଯ୍ୟନ୍ତ ଏହି ନିଷ୍ପତ୍ତିକୁ ଅବ୍ୟାହତ ରଖିବା ପାଇଁ ସାହାଯ୍ୟ କରୁଛନ୍ତି ।

୧୯୭୧ରୁ, ଯେତେବେଳେ ମୁଁ ତାମିଲନାଡୁ ସରକାରଙ୍କ ପାଇଁ କାର୍ଯ୍ୟ କରୁଥିଲି, ସେହି ସମୟରୁ କାର୍ଯ୍ୟାଳୟରେ ଓ ମୋର ଗୃହକୁ ଫେରିବା ବାଟରେ, ସୁସମାଚାର ପତ୍ରିକା ବାଣ୍ଟିବା ମୋର ଏକ ଅଭ୍ୟାସ ଥିଲା । ମୁଁ ସେବାକାର୍ଯ୍ୟରେ ଥିବା ସମୟରେ ହଜାର ହଜାର ଅଣ-ଖ୍ରୀଷ୍ଟିଆନ ଓ କେତେ ଜଣ ଧାର୍ମିକ ଲୋକଙ୍କୁ ସାକ୍ଷାତ୍ କରିବା ପାଇଁ ସମର୍ଥ ଥିଲି । ଏହା ବ୍ୟତୀତ, ଏହି ସେବାକାର୍ଯ୍ୟ ମାଧ୍ୟମରେ, ମୁଁ ସେଉଁମାନଙ୍କ ସହିତ ସଂସ୍ପର୍ଶରେ ଆସିଥିଲି, ସେମାନଙ୍କ ମାଧ୍ୟମରେ, ମୁଁ ଚେନ୍ନାଇଠାରେ ମଣ୍ଡଳୀ ସେବା ଆରମ୍ଭ କରିବା ପାଇଁ ସମର୍ଥ ହୋଇଥିଲି ।

ମୁଁ ଯଥେଷ୍ଟ ପତ୍ରିକା ପାଇ ପାରୁ ନ ଥିବାରୁ, ମୋତେ ମୋର ମାଗଣା ବଣ୍ଟନ ନିମନ୍ତେ ସୁସମାଚାର ପତ୍ରିକା ଛପାଇବା ପାଇଁ ସ୍ଥାନୀୟ ଛାପକଙ୍କୁ ଦିବାକୁ ପଡୁଥିଲା । ଛାପାଖାନାର ମାଲିକମାନେ ମୋର ସେବାକାର୍ଯ୍ୟ ପାଇଁ ସୁସମାଚାର ପତ୍ରିକା ଛପାଇବାରେ ଖୁସି ନ ଥିଲେ । ଏଥିଯୋଗୁ, ମୁଁ ଅନେକ ଥର ଅସୁବିଧା ଭୋଗିଥିଲି । ଏହିପରି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ପ୍ରଭୁ ସେବାକାର୍ଯ୍ୟ ଚଳାଇବା ପାଇଁ ମୋତେ ସାହାଯ୍ୟ କରିଥିଲେ ।

ଅନେକ ଥର, ଅନ୍ୟ ଧର୍ମର ବନ୍ଧୁମାନଙ୍କୁ ସୁସମାଚାର ପତ୍ରିକା ବାଣ୍ଟିବା ସମୟରେ, ମୁଁ ଶାରୀରିକ ଆକ୍ରମଣର ଶୀକାର ହୋଇଥିଲି । ମାତ୍ର ଈଶ୍ୱର ମୋତେ ମନ୍ଦଶକ୍ତିରୁ ସୁରକ୍ଷା ଦେଇଥିଲେ ଓ ତାଙ୍କ ସେବାକାର୍ଯ୍ୟକୁ ଅଗ୍ରସର କରାଇବାରେ ମୋତେ ସାହାଯ୍ୟ କରିଥିଲେ ।

ଯେଉଁ ପ୍ରଭୁଙ୍କୁ ବିଶ୍ୱସ୍ତ ଭାବରେ ସେବା କରି ଆସିଛି, ସେ ବର୍ତ୍ତମାନ ମୋର ସେହି ରାସ୍ତାରେ ଓ ବଜାରରେ ମୋର ସେହି ଛୋଟ ପତ୍ରିକା ବଣ୍ଟନ ସେବାକାର୍ଯ୍ୟକୁ ସମ୍ମାନ ଦେଇଛନ୍ତି ଓ ଯଥେଷ୍ଟ ସଂଖ୍ୟକ ଦକ୍ଷ କର୍ମଚାରୀ, ଅତ୍ୟାଧୁନିକ ଛାପିବା ଉପକରଣ, ବଡ଼ ଗୃହ, ଇତ୍ୟାଦି ସହିତ ଗୋଟିଏ ବଡ଼ ସୁସମାଚାର ପତ୍ରିକା ସେବାକାର୍ଯ୍ୟ ଦେଇ ଆଶୀର୍ବାଦ କରିଛନ୍ତି । ବର୍ତ୍ତମାନ, ଆପଣମାନେ ଜାଣିଛନ୍ତି ଯେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ଏହି ସେବାକାର୍ଯ୍ୟ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାରକୁ ବିଭିନ୍ନ ଦେଶର ଲୋକମାନଙ୍କ ନିକଟରେ ପହଞ୍ଚାଉ ଅଛି ଓ ଆମେ ଏହି ପତ୍ରିକାକୁ ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, ମରାଠୀ, କନ୍ନଡ଼, ବଙ୍ଗାଳୀ, ଗୁଜୁରାଟୀ, ଓଡ଼ିଆ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ନେପାଳୀ, ସିଂହଳ ଓ ଆଫ୍ରିକୀୟ ଭଳି ୧୬ଟି ଭାଷାରେ ଅନୁବାଦ କରି ପ୍ରକାଶ କରୁଅଛୁ । ଆମ ନିକଟରେ ପ୍ରତି ରବିବାର ଉପାସନା କରିବା ପାଇଁ ମୁଖ୍ୟ ଉପାସନାଳୟ ରହିଅଛି ଓ ସେଠାରେ ଆମେ ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ ଓ ହିନ୍ଦୀ ଭଳି ୫ଟି ଭାଷାରେ ପ୍ରଚାର କରୁଅଛୁ ।

''ଯୀଶୁ ଖ୍ରୀଷ୍ଟ ଆପଣମାନଙ୍କ ଜୀବନରେ ମଧ୍ୟ ମହତ୍ କାର୍ଯ୍ୟସବୁ ସାଧନ କରିପାରିବେ'' (ଗୀତସଂହିତା ୧୨୬:୩) । ''ଯେଉଁମାନେ କ୍ରନ୍ଦନ କରୁ କରୁ ବୁଣନ୍ତି, ସେମାନେ ଆନନ୍ଦ କରୁ କରୁ ଶସ୍ୟ କାଟିବେ'' (ଗୀତସଂହିତା ୧୨୬:୫) ।

*************

(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)

ଯେପରି ଅନ୍ୟ କୌଣସି ଦେବତାଙ୍କୁ ସେବା କିମ୍ବା ପ୍ରଣାମ ନ କରିବେ, ଏଥିପାଇଁ ରାଜବାକ୍ୟ ଅନ୍ୟଥା କରି ଆପଣା ଆପଣା ଶରୀର ସମର୍ପଣ କଲେ, ସେ ସେମାନଙ୍କୁ ଉଦ୍ଧାର କଲେ । ଏଥିପାଇଁ ମୁଁ ଏହି ଆଜ୍ଞା କରୁଅଛି ଯେ, ଯେଉଁ ପ୍ରତ୍ୟେକ ଗୋଷ୍ଠୀ, ଦେଶୀୟ ଓ ଭାଷାବାଦୀ ଲୋକ ଶଦ୍ରକ, ମୈଶକ ଓ ଅବେଦ୍-ନଗୋର ପରମେଶ୍ୱରଙ୍କ ପ୍ରତିକୂଳରେ କୌଣସି ଭ୍ରାନ୍ତିର କଥା କହିବେ, ସେମାନେ ଖଣ୍ଡ ଖଣ୍ଡ ହୋଇ କଟାଯିବେ ଓ ସେମାନଙ୍କର ଗୃହ ଖତରାଶି ହେବ, କାରଣ ଏପ୍ରକାର ଉଦ୍ଧାର କରିବାକୁ ସମର୍ଥ ଆଉ କୌଣସି ଦେବତା ନାହିଁ'' (ଦାନିୟେଲ ୩:୨୮-୨୯) ।

ଈଶ୍ୱର ଅଗ୍ନିକୁ ଅନୁମତି ଦେଇଥିଲେ । ଏପରିକି ସେ ଏହାକୁ ତୀବ୍ର ହେବାକୁ ମଧ୍ୟ ଦେଇଥିଲେ । କାହିଁକି ?

ପ୍ରଥମତଃ, ଏହା ମଧ୍ୟ ଦେଇ ବିଶ୍ୱାସରେ ଚାଲିବା ପାଇଁ ସେ ଆପଣମାନଙ୍କୁ ବିଶ୍ୱାସ କରିଥିବାରୁ ।

ଦ୍ୱିତୀୟରେ, ତାଙ୍କ ନାମ ପ୍ରତି ଗୌରବ ଆଣିବା ପାଇଁ, ସେ ଆପଣମାନଙ୍କ ସାକ୍ଷ୍ୟକୁ ବ୍ୟବହାର କରିବେ ବୋଲି ।

ସେଥିପାଇଁ, ମୋର ଭାଇ ଓ ଭଉଣୀମାନେ, ଉତ୍ସାହିତ ହୁଅନ୍ତୁ – ଆପଣମାନେ ବର୍ତ୍ତମାନ ଯାହା ମଧ୍ୟ ଦେଇ ଗତି କରୁଛନ୍ତି, ତାହା ବୃଥା ହେବ ନାହିଁ । ଏହା ଈଶ୍ୱରଙ୍କ ପ୍ରତି ଗୌରବ ଆଣିବ ଓ ଆପଣମାନେ ତାଙ୍କର ଶକ୍ତିପୂର୍ଣ୍ଣ ପାତ୍ର ଭାବରେ ମାର୍ଜିତ ଓ ଉଜ୍ଜ୍ୱଳ ହୋଇ ଏହି ଅଗ୍ନି ମଧ୍ୟରୁ ବାହାରି ଆସିବେ ।

## ୬. ଉନ୍ନତି

ବେଳେ ବେଳେ ଆମେ ନିଜ ନିଜକୁ ପଚାରୁ, ''ଏଥିର ଅର୍ଥ କ'ଣ ? ଯଦି ଈଶ୍ୱର ସମସ୍ତ ଗୌରବ ଓ ସମସ୍ତ ସମ୍ମାନ ପାଇବେ – ଯଦି ସେ ହିଁ କେବଳ ଉନ୍ନୀତ ହେବେ, ତେବେ ଏହି ସମସ୍ତ ବିଷୟ ମଧ୍ୟରେ ମୁଁ କେଉଁଠାରେ ରହିବି ?''

ମାତ୍ର ଯେତେବେଳେ ଆମେ ଦାନିୟେଲ ୩ରେ ଥିବା କାହାଣୀର ଅବଶିଷ୍ଟାଂଶ ପଢୁ, ସେତେବେଳେ ଆମେ ଏକ ସୁନ୍ଦର ସତ୍ୟ ଦେଖୁ : ଈଶ୍ୱର ସେହିମାନଙ୍କୁ ପୁରସ୍କାର ଦିଅନ୍ତି, ଯେଉଁମାନେ ବିଶ୍ୱସ୍ତଭାବରେ ତାଙ୍କୁ ବିଶ୍ୱାସ କରନ୍ତି ।

ଶଦ୍ରକ, ମୈଶକ ଓ ଅବେଦ୍‌ନଗୋ କେବଳ ଅଗ୍ନିକୁଣ୍ଡରେ ସେ ସମ୍ମାନିତ ହୋଇଥିଲେ, ତା' ନୁହେଁ, ମାତ୍ର ଏଠାରେ ପୃଥିବୀରେ ମଧ୍ୟ ପୁରସ୍କୃତ ହୋଇଥିଲେ ।

''ଏଥିରେ ରାଜା ଶଦ୍ରକ, ମୈଶକ ଓ ଅବେଦ୍‌ନଗୋର ବାବିଲ ପ୍ରଦେଶରେ ପଦ ବୃଦ୍ଧି କଲା'' (ଦାନିୟେଲ ୩:୩୦) ।

ଶୟତାନ ସେମାନଙ୍କର ବିନାଶ ପାଇଁ ଯୋଜନା କରିଥିଲା । ସେ ନିମ୍ନଲିଖିତ କାର୍ଯ୍ୟ କରିବାର ଯୋଜନା କରିଥିଲା :

ସେମାନଙ୍କ ଜୀବନକୁ ଶେଷ କରିବ, ରାଜାଙ୍କର ସେମାନଙ୍କ ପ୍ରତି ଥିବା ଦୟାକୁ ଶେଷ କରିବ, ସେମାନଙ୍କ ସେବାକାର୍ଯ୍ୟକୁ ଶେଷ କରିବ, ସେମାନଙ୍କର ବିଶ୍ୱାସକୁ ଲୋପ କରିବ, ସେମାନଙ୍କ ନିମନ୍ତେ ଥିବା ଈଶ୍ୱରଙ୍କ ଯୋଜନାକୁ ଶେଷ କରିବ, ସେମାନଙ୍କର ଦଣ୍ଡକୁ ଦେଖିଥିବା ଲୋକମାନଙ୍କର ବିଶ୍ୱାସକୁ ଶେଷ କରିବ । ଶେଷରେ, ଈଶ୍ୱରଙ୍କ ରାଜ୍ୟର ସଂପ୍ରସାରଣକୁ ବନ୍ଦ କରିବ ।

ମାତ୍ର କୌଣସି ବିଷୟ ଘଟି ନ ଥିଲା । ଏହା ପରିବର୍ତ୍ତେ, ଈଶ୍ୱର ଶତ୍ରୁର ଯୋଜନାକୁ ଓଲଟାଇ ଦେଇଥିଲେ ଓ ପରିସ୍ଥିତିକୁ ସମଗ୍ର ପୃଥିବୀରେ ତାଙ୍କ ରାଜ୍ୟକୁ ବୃଦ୍ଧି ଓ ଦୃଢ଼ କରିବା ପାଇଁ ବ୍ୟବହାର କରିଥିଲେ ।

ଅଗ୍ନି ଯାହା ସାଧନ କରିଥିଲା, ତାହାକୁ ଦେଖନ୍ତୁ :

ଏହା ଈଶ୍ୱରଙ୍କ ଯୋଜନାକୁ ସଫଳ କରିଥିଲା । ଏହା ଈଶ୍ୱରଙ୍କ ପ୍ରତି ଗୌରବ ଆଣିଥିଲା । ଏହା କେବଳ ସେମାନଙ୍କର ବିଶ୍ୱାସକୁ ନୁହେଁ, ମାତ୍ର ଅନ୍ୟ ଯିହୁଦୀମାନଙ୍କର ଏପରିକି ରାଜାଙ୍କ ଭଳି ଅଣ-ଯିହୁଦୀମାନଙ୍କର ବିଶ୍ୱାସକୁ ମଧ୍ୟ ଦୃଢ଼ କରିଥିଲା । ଏହା ଉଭୟ ଈଶ୍ୱର ଓ ମନୁଷ୍ୟ (ରାଜା)ଙ୍କ ଦୃଷ୍ଟିରେ ମଧ୍ୟ ଦୟା ଆଣିଥିଲା । ଏହା ସେମାନଙ୍କ ଜୀବନକୁ ଶେଷ କରି ନ ଥିଲା, ବରଂ, ଏହା ସେମାନଙ୍କୁ ଏକ ନୂତନ ଆରମ୍ଭ – ଏକ ନୂତନ ଉଦ୍ଦେଶ୍ୟ, ଦର୍ଶନ ଓ ପଦବୀ ପ୍ରଦାନ କରିଥିଲା । ଏହା ଏହି ବିଷୟକୁ ପ୍ରମାଣ କରିଥିଲା ଯେ ''ଶତ୍ରୁ ଯେଉଁ ମନ୍ଦ କଳ୍ପନା କରିଥିଲା, ଈଶ୍ୱର ତାହାକୁ ମଙ୍ଗଳରେ ପରିଣତ କରିଥିଲେ'' (ଆଦି ୫୦:୨୦) ।

ଦିନେ ଯେଉଁ ରାଜା ଗୋଟିଏ ସୁବର୍ଣ୍ଣ ପ୍ରତିମାକୁ ପ୍ରଣାମ କରିବା ପାଇଁ ସମସ୍ତଙ୍କୁ ଆଦେଶ ଦେଇଥିଲେ – ସେ ସମସ୍ତଙ୍କ ସାକ୍ଷାତ୍‌ରେ ଇସ୍ରାଏଲର ପରମେଶ୍ୱରଙ୍କର ଶ୍ରେଷ୍ଠତାକୁ ଘୋଷଣା କରିଥିଲେ ।

''... ଏ ପ୍ରକାର ଉଦ୍ଧାର କରିବାକୁ ସମର୍ଥ ଆଉ କୌଣସି ଦେବତା ରହିବ ନାହିଁ'' (ଦାନିୟେଲ ୩:୨୯) ।

## ୭. ଉଦ୍‌ଯୋଗ - ଏକ ଐତିହ୍ୟ ଛାଡ଼ିଯିବା

ଶେଷରେ, ସେହି ତିନି ଜଣ ଏବ୍ରୀୟ ଯୁବକ ଏକ ଶକ୍ତିପୂର୍ଣ୍ଣ ଓ ସ୍ଥାୟୀ ଐତିହ୍ୟ ଛାଡ଼ି ଯାଇଥିଲେ – ଏହା ଏପରି ଏକ ଅବିଚଳିତ ବିଶ୍ୱାସର ଐତିହ୍ୟ ଯାହା ଆଜି ପର୍ଯ୍ୟନ୍ତ, ୨୦୨୫ରେ ସୁଦ୍ଧା ଆମକୁ କଥା କହି ଚାଲିଛି ।

ଈଶ୍ୱର ସେମାନଙ୍କୁ ଅଗ୍ନି ମଧ୍ୟକୁ ଯିବା ପାଇଁ ଅନୁମତି ଦେଇଥିଲେ ଯେପରିକି ସେମାନେ ଆଗାମୀ ପିଢ଼ୀ ନିକଟରେ ଏକ ସାକ୍ଷୀଭାବରେ ଦଣ୍ଡାୟମାନ ହୋଇପାରିବେ । ସେମାନଙ୍କର କାହାଣୀ ପ୍ରଭୁଙ୍କ ପାଇଁ ସମାନ ଉଦ୍‌ଯୋଗର ସହିତ ଜୀବନ କାଟିବା ନିମନ୍ତେ ଆମକୁ ଆହ୍ୱାନ ଓ ପ୍ରେରଣା ଦିଏ ।

ସେମାନେ ସାହସର ସହିତ ଘୋଷଣା କରିଥିଲେ :

''... ଆମ୍ଭେମାନେ ଯାହାଙ୍କର ସେବା କରୁ, ଆମ୍ଭମାନଙ୍କର ସେହି ପରମେଶ୍ୱର ଆମ୍ଭମାନଙ୍କୁ ପ୍ରଜ୍ୱଳିତ ଅଗ୍ନିକୁଣ୍ଡରୁ ରକ୍ଷା କରିବାକୁ ସମର୍ଥ ଅଟନ୍ତି, ଆଉ ହେ ମହାରାଜ, ସେ ଆପଣଙ୍କ ହସ୍ତରୁ ଆମ୍ଭମାନଙ୍କୁ ଉଦ୍ଧାର କରିବେ । ମାତ୍ର ଯେବେ ନ କରନ୍ତି, ତେବେ ହେ ମହାରାଜ, ଆମ୍ଭେମାନେ ଯେ ଆପଣଙ୍କ ଦେବତାର ସେବା କରିବୁ ନାହିଁ, କିଅବା ଆପଣଙ୍କ ସ୍ଥାପିତ ସୁବର୍ଣ୍ଣ ପ୍ରତିମାକୁ ପ୍ରଣାମ କରିବୁ ନାହିଁ, ଏହା ଆପଣ ଜ୍ଞାତ ହୁଅନ୍ତୁ'' (ଦାନିୟେଲ ୩:୧୭-୧୮) ।

ପ୍ରଭୁଙ୍କ ନିମନ୍ତେ ଥିବା ସେମାନଙ୍କର ଧାର୍ମିକତା ଓ ବିଶ୍ୱାସକୁ ଲକ୍ଷ୍ୟ କରନ୍ତୁ । ସେମାନେ ସେମାନଙ୍କ ବିଶ୍ୱାସ ସହିତ ବୁଝାମଣା କରିବା ଅପେକ୍ଷା, ବରଂ ମୃତ୍ୟୁର ସମ୍ମୁଖୀନ ହେବା ପାଇଁ ଇଚ୍ଛା କରୁଥିଲେ ।

ପରିସ୍ଥିତି ଆମ ଅନୁସାରେ ପରିଚାଳିତ ନ ହେଲେ, ଆମେ କେତେ ଥର ନିରୁତ୍ସାହିତ ହୋଇ ଯାଇଛୁ ? ମାତ୍ର ଏହି ଯୁବକମାନେ ସେମାନଙ୍କର ଅବିଚଳିତ ଭକ୍ତି ମାଧ୍ୟମରେ, କେବଳ ଯେ ସେମାନଙ୍କ ନିଜସ୍ୱ ବିଶ୍ୱାସକୁ ସୁଦୃଢ଼ କରିଥିଲେ, ତା' ନୁହେଁ, ସେମାନେ ଆମର ବିଶ୍ୱାସକୁ ମଧ୍ୟ ବଳିଷ୍ଠ କରିଥିଲେ ।

*ମୁଁ ଆପଣମାନଙ୍କୁ ପଚାରୁଛି :*

ଆପଣମାନେ କ'ଣ ବିପଦତା ମଧ୍ୟରେ ରହିଥିଲେ ସୁଦ୍ଧା ଈଶ୍ୱରଙ୍କର ସେବା କରନ୍ତି ? ଅସୁସ୍ଥତା ଭିତରେ ? ପାରିବାରିକ ସଂଘର୍ଷ ମଧ୍ୟରେ ? ସ୍ୱାସ୍ଥ୍ୟଗତ ଆହ୍ୱାନ ମଧ୍ୟରେ ? ବୃତ୍ତିଗତ ଚାପ ମଧ୍ୟରେ ? ବ୍ୟକ୍ତିଗତ ହୃଦବ୍ୟଥା ମଧ୍ୟରେ ? ବାରମ୍ବାର ନୈରାଶ୍ୟ ମଧ୍ୟରେ ? ଏପରିକି ଆଶୀର୍ବାଦ ଓ ପ୍ରଚୁରତା ମଧ୍ୟରେ ?

ପଛକୁ ଚାହାଁନ୍ତୁ ନାହିଁ



ସେ ଆମ ନିକଟରେ ଅଛନ୍ତି,
ତାଙ୍କର ବାହୁ ଉନ୍ମୁକ୍ତ

ସେ ଆପଣମାନଙ୍କୁ ଅପେକ୍ଷା କରୁଛନ୍ତି । ସେଥିପାଇଁ ଯୀଶୁ ଖ୍ରୀଷ୍ଟ କ୍ରୁଶ ଉପରେ ମୃତ୍ୟୁବରଣ କରିଥିଲେ ଯେପରିକି ସେ ଆମ ନିମନ୍ତେ ନିବେଦନ କରିପାରିବେ ଓ ଆମେ ଯେଉଁ ପରିସ୍ଥିତି ମଧ୍ୟ ଦେଇ ଯାଉଅଛୁ, ତାହାକୁ ସଂପୂର୍ଣ୍ଣ ଭାବରେ ବୁଝିପାରିବେ । ସେ ଦୂରରେ ଥାଆନ୍ତି କିମ୍ବା ଉଦାସୀନ ନୁହଁନ୍ତି, ସେ ନିକଟରେ ଅଛନ୍ତି ଓ ତାଙ୍କର ବାହୁ ଉନ୍ମୁକ୍ତ ଅଟେ ।

ସେଥିପାଇଁ ତାଙ୍କୁ ଧରି ରଖନ୍ତୁ, ଉଦ୍‌ଯୋଗର ସହିତ ତାଙ୍କର ସେବା କରନ୍ତୁ ।

ଏପରି ଜୀବନ କାଟନ୍ତୁ ଯାହା ଏକ ଐତିହ୍ୟ ଛାଡ଼ିଯିବ ।

*************

**ତ୍ରୁଟି ସଂଶୋଧନ**

୨୦୨୫ ଅଗଷ୍ଟ ସଂଖ୍ୟାର ପ୍ରଥମ ଅନୁଚ୍ଛେଦ (ପ୍ରଚ୍ଛଦ ପୃଷ୍ଠା)ରେ ୭୯ ତମ ସ୍ୱାଧୀନତା ଦିବସକୁ ଭ୍ରମବଶତଃ ୭୫ତମ ଦିବସ ବୋଲି ଉଲ୍ଲେଖ କରାଯାଇଥିଲା । ଆମେ ଏହି ତ୍ରୁଟି ପାଇଁ ଦୁଃଖିତ ।

ସମ୍ପାଦକ



**WANTED**



1. କମ୍ପ୍ୟୁଟର ଅପରେଟରମାନେ **(with typing knowledge)**
2. **ASSISTANT PRINTING PRESS OPERATORS**

ଯୋଗାଯୋଗ : ECHO OF HIS CALL **(+91) 98412 71858, E.mail : sam@echoofhiscall.org**

**ବିଜ୍ଞାପନ**

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୭୧୮୫୮),
(୯୧-୯୮୪୧୨୭୧୮୫୮)
(ମୁଖ୍ୟ ନମ୍ବର) – ସଂରକ୍ଷିତ ରଖନ୍ତୁ ।

ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ''ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

-ସମ୍ପାଦକ -

## OUR BANK DETAILS:

### 1. Bank : State Bank of India

Branch : Triplicane, Chennai-5
Name : S. Sam Selva Raj
A/C No. : 1023 2934 679
IFSC : SBIN 00 00 249
SWIFT CODE : SBI NIN BB 455

### 2. Bank : ICICI Bank

Branch : Anna Salai, Chennai-6
Name : Echo of His Call
A/C No. : 6038 0502 2319
IFSC : ICIC 000 6038

### 3. Bank : State Bank of India

(This Account is for Tax Exemption for Indians only )

Branch : Triplicane, Chennai-5
Name : Echo of His Call Educational Trust
A/C No. : 1023 2923 805
IFSC : SBIN 00 00 249

Google Pay: 98410 71858
PayPal : SAM SELVA RAJ
*****
E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ - ଟ. ୧୦୦/- ଆଜୀବନ ସଭ୍ୟତାଯା - ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ / ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/24-26
Licence No. WPP. No. TN/PMG(CCR)/WPP-265/24-26
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS Patrika Channel"
on 18th SEPTEMBER 2025.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

*JESUS LOVES YOU!*

To

GOD BLESS YOU!

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**